# CLASS - IV
## Sub - Odia
Chap- 1

୧. ପ୍ରତିଶବ୍ଦ ।

ଜନନୀ - ମାତା, ବିମଳ - ପବିତ୍ର, ଜୋଛନା - ଚନ୍ଦ୍ରକିରଣ

ମିଠା - ମଧୁ, ପକ୍ଷୀ - ବିହଗ, ଜହ୍ନ - ଶଶୀ

୨. (କ) ସ୍ତମ୍ଭର ଶବ୍ଦ ସହିତ (ଖ) ସ୍ତମ୍ଭର ଶବ୍ଦର ମିଳନ କର ।

ଗହନ - ବନ, ମଧୁର - ଗାନ, ଶ୍ୟାମଳ - ତରୁ, ନୀଳ - ସାଗର, ଗହଳ - ଲତା ।

୩. ଶବ୍ଦଗୁଡ଼ିକ ଗୀତରେ ଲେଖାଯାଇଛି ତାହାକୁ କଥାରେ ଲେଖ ।

ଜନମ - ଜନ୍ମ, ଜୋଛନା - ଜ୍ୟୋତ୍ସ୍ନା, ପରାଣ - ପ୍ରାଣ , ସେନେହ - ସ୍ନେହ

୪. ରଙ୍ଗ ମିଳାଅ ।

ସାଗର - ନୀଳ, ଗୋଲପ - ଲାଲ, ପତ୍ର - ସବୁଜ, କେଶ - କଳା, ମାଟି - ମାଟିଆ

୫. ସଂଶୋଧନ କର ।

(କ) ଗଜପତି ରାଜା ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ବିବାହ କରିଥିଲେ ।

(ଖ) ନଈରେ ବନ୍ୟା ପାଣି ଖୁବ ସୁଅରେ ଛୁଟିଛି ।

(ଗ) ରାମ ପାଖ ବଜାରରୁ ଏକ କିଲୋ ଇଲିଶି ମାଛ ଆଣିଲା ।

(ଘ) କର୍ମ ହିଁ ଭଗବାନ ।

୭. ବାକ୍ୟଗଠନ କର ।

ଗହନ - ଗହନ ବନକୁ ଯିବା ପାଇଁ ଡ଼ର ଲାଗେ ।

ଜନନୀ - ଜନନୀର ସ୍ନେହ ଆଉ କେହି ଦେଇପାରିବେ ନାହିଁ ।

ଲତା - ଲତାଗଛ ଗୁଡ଼ିକରେ ଲାଲି ଫୁଲ ଫୁଟିଛି ।

ଗହଳ - ବାଲିଯାତ୍ରା ଗହଳ ଭିତରେ ପିଲାଟି ହଜିଗଲା ।

ଗାନ - ଆମେ ଜାତୀୟ ସଙ୍ଗୀତ ଗାନକଲୁ ।

କୁସୁମ - ବଗିଚାରେ ନାନାପ୍ରକାର କୁସୁମ ଫୁଟିଛି ।

ଲହରୀ - ସମୁଦ୍ରରେ ବହୁତ ଜୋରରେ ଲହରୀ ଆସୁଛି ।

ଚରଣ - ମୁଁ ଗୁରୁଜନଙ୍କ ଚରଣ ଛୁଇଁ ପ୍ରଣାମ କରେ ।

ଜୀବନ - ଜୀବନରେ ନାନା ସୁଖ ଦୁଃଖ ଆସିଥାଏ ।

କାମନା - ଜୀବନରେ ଭଲ ମଣିଷ ହେବା ପାଇଁ କାମନା ରଖ ।

୮. ଶୂନ୍ୟସ୍ଥାନ ପୂରଣ କର ।

(କ) ଜନମଭୂଇଁ ଆମକୁ ଜନନୀ ପରି ପାଳୁଛି ।

(ଖ) ଆକାଶ ରେ ତାରକା ଶୋଭାପାଏ ।

(ଗ) ସାଗର ରେ ଲହରୀମାଳ ଦେଖାଯାଏ ।

(ଘ) ଜନ୍ମଭୂମିର ସୁଖ ଆମର କାମନା ।

୧୦. ଉତ୍ତର ଲେଖ ।

(କ) ଆମ ଦେଶର ନାମ ଲେଖ ।

ଉ. ଆମ ଦେଶର ନାମ ହେଉଛି ଭାରତ ।

(ଖ) ଜନ୍ମଭୂମିର କେଉଁ ସବୁ ଶୋଭା ଆମକୁ ଭଲ ଲାଗେ ?

ଉ. ଜନ୍ମଭୂମିର ଗହନବନ, ଗହଳଲତା, ନୀଳସାଗର, ପକ୍ଷୀର ମଧୁରଗାନ ଓ ଆକାଶର ଜହ୍ନ, ତାରା ଏହି ସବୁ ଶୋଭା ଆମକୁ ଭଲ ଲାଗେ ।

(ଗ) ଆମେ ଦେଶର ସଭିଙ୍କୁ ଭାଇଭଉଣୀ ବୋଲି କାହିଁକି ଭାବିବା ?

ଉ. ଜନ୍ମଭୂମି ଆମର ମା ଓ ଆମେ ସମସ୍ତ ତାର ସନ୍ତାନ ହୋଇଥିବାରୁ ଦେଶର ସଭିଙ୍କୁ ଆମେ ଭାଇଭଉଣୀ ବୋଲି ଭାବିବା ।

(ଘ) ଜନ୍ମଭୂମି କାହିଁକି ସବୁଠାରୁ ପ୍ରିୟ ?

ଉ. ସେ ଆମକୁ ଖାଇବାକୁ ପିଇବାକୁ ଦେଇ ଆମର ସବୁ ଅଳି, ଅଝଟକୁ ସହି ମା ପରି ପାଳୁଛି, ସେଥିପାଇଁ ଜନ୍ମଭୂମି ଆମର ସବୁଠାରୁ ପ୍ରିୟ ।

(ଙ) ଆମ ଜନ୍ମଭୂମିର ଚରଣ କିପରି ଧୁଆ ହୁଏ ?

ଉ. ସମୁଦ୍ରର ନୀଳ ଲହରୀମାଳ ଯେତେବେଳେ ନାଚିନାଚି ଆସି କୂଳରେ ଥିବା ମାଟିକୁ ଓଦା କରିଦିଏ ସେତେବେଳେ ଆମ ଜନ୍ମଭୂମିର ଚରଣ ଧୁଆହେବା ପରି ଲାଗେ ।

(ଚ) ଜନ୍ମଭୂମିର ସୁନାମ ପାଇଁ ଆମେ କଣ କରିପାରିବା ?

ଉ. ଆମେ କାହା ପାଖରେ ହାତ ନ ପତାଇ ନିଜ ପରିଶ୍ରମରେ ଭଲ କାମ କରି ଜନ୍ମଭୂମିର ସୁନାମ ବଢ଼ାଇବା, ଦରକାର ପଡ଼ିଲେ ଜନ୍ମଭୂମି ପାଇଁ ନିଜ ଜୀବନ ଦେବାକୁ ମଧ୍ୟ ପଛେଇବା ନାହିଁ ।

(ଛ) ଜନନୀ ପରି କିଏ ଆମକୁ ପାଳୁଛି ?

ଉ. ଜନନୀ ପରି ଆମ ଜନ୍ମଭୂମି ଆମକୁ ତା କୋଳରେ ସ୍ଥାନଦେଇ ପାଳୁଛି ।

(ଜ) ବିହଗ କିପରି ଭାବେ ସମସ୍ତଙ୍କ ପ୍ରାଣକୁ ଖୁସି ଦେଇଥାଏ ?

ଉ. ବିଗହ ଅର୍ଥାତ ପକ୍ଷୀମାନେ ତାଙ୍କ ମଧୁର କଳରବରେ ଆମ ସମସ୍ତଙ୍କ ପ୍ରାଣଙ୍କୁ ଖୁସି ଦେଇଥାଏ ।

(ଝ) ସରାଗରେ ଝରଣା କିଭଳି ଜନନୀର ଦେହକୁ ଛୁଁଏ ?

ଉ. କୁଳୁକୁଳୁ ରବ କରି ଆନନ୍ଦରେ ବହିଯାଉଥିବା ଝରଣାଟି ଜନନୀର ଦେହକୁ ଛୁଁଇଁଥାଏ

(ଞ) ଗହନବନ କିଭଳି ଜନ୍ମମଭୂଇଁର ଶୋଭାକୁ ବଢ଼ାଇଥାଏ ?

ଉ. ଗହନବନ ଭିତରେ ସବୁଜ ରଙ୍ଗର ଗଛଗୁଡ଼ିକ ଜନ୍ମମଭୂଇଁର ଶୋଭାକୁ ବଢ଼ାଇଥାଏ ।

୧୧. ଗୋଟିକି ଗୋଟି ତାରକା ମେଳେ
ଗୋଟିକି ଗୋଟି ଲହରୀ ମାଳେ
ଗୋଟିକି ଗୋଟି ବିହଗ ଉଡ଼େ
ଗୋଟିକି ଗୋଟି ମଧୁର ଗାନେ

୧୨. ହସି - ବସି, ମାଳ - କାଳ, ବନ - ଧନ, ତରୁ - ସରୁ

୧୩. ଶବ୍ଦଗୁଡ଼ିକର ଅର୍ଥ ଲେଖ ।
ସାଗର - ସମୁଦ୍ର, ତାରକା - ଅନେକ ତାରା, ଜୋଛନା - ଚନ୍ଦ୍ରକିରଣ, ମଧୁର - ମିଠା,
ଲହରୀ - ଢେଉ, ଶୋହେ - ଶୋଭାପାଏ

୧୪. ଶୂନ୍ୟସ୍ଥାନ ପୂରଣ କର ।
(କ) ଯେଉଁ ଦେଶରେ ଜନମ ମୋର
ଯାହାର କୋଳେ ବଢୁଛି ମୁହିଁ
(ଖ) ସାଗର ନୀଳ ଲହରୀମାଳ
ନାଚିନାଚି ତା ଚରଣ ଧୁଏ

୧୫. ତରୁ = ବୃକ୍ଷ, ଦ୍ରୁମ, ଗଛ
ଶଶୀ = ଜହ୍ନ, ଚନ୍ଦ୍ର, ଚନ୍ଦ୍ରମା
କୁସୁମ = ଫୁଲ, ପୁଷ୍ପ, କୁସୁମ,

୧୬. ସୁଖ - ଦୁଃଖ, ଜୀବନ - ମରଣ, ହସ - କାନ୍ଦ, ଦେଶ - ବିଦେଶ
ବଢୁଛି - କମୁଛି, ପାଠ - ଶାଠ

.....o.....

ପୃଷ୍ଠା...୪୩

## <u>ଜହ୍ନଧରିବା ଆସ</u>

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ମାଙ୍କଡ଼ମାନେ <u>ପୋଖରୀ</u> ରେ ଜହ୍ନ ଦେଖିଲେ ।

(ଖ) ମାଙ୍କଡ଼ମାନେ ଯୋଜନା କରୁଥିବାବେଳେ <u>କୁମ୍ଭୀର</u> ସେମାନଙ୍କ କଥା ଚୁପ୍‌ଚୁପ୍ ଶୁଣୁଥିଲା ।

(ଗ) ମାଙ୍କଡ଼ମାନେ ଜହ୍ନଧରିବା ପାଇଁ <u>ଯୋଜନା</u> କଲେ ।

(ଘ) ଜଣେ ଅନ୍ୟଜଣଙ୍କର ହାତ ଧରାଧରି ହୋଇ ଲଟକୁଥିବା ବେଳେ <u>ଡାଳ</u> ଟି ଭାଙ୍ଗିଗଲା ।

(ଙ) ମାଙ୍କଡ଼ଟିଏ ପୋଖରୀ ଭିତରକୁ <u>କୁଦା</u> ମାରିଲା ।

୨. ବନାନ୍ ଭୁଲ ଅଛି, ଠିକ୍ କରି ଲେଖ ।

(କ) ଯହ୍ନ - ଜହ୍ନ (ଖ) ଜୋଜନା - ଯୋଜନା (ଗ) ପୋଖୋରି - ପୋଖରୀ,

(ଘ) କୁମ୍ଭିର - କୁମ୍ଭୀର (ଙ) ମାଙ୍କଡ଼ - ମାଙ୍କଡ଼ (ଚ) ଧୁମ୍ - ଦୁମ୍

୩. ଶୂନ୍ୟସ୍ଥାନ ପୂରଣ କର ।

ଉ<u>ଦ୍ୟା</u>ନ, ମୂ<u>ଲ୍ୟ</u>, ଅସ<u>ହ୍ୟ</u>, ସ<u>ତ୍ୟ</u>, ବା<u>ଦ୍ୟ</u>, ସୈ<u>ନ୍ୟ</u>, ଅ<u>ଭ୍ୟା</u>ସ

୪. ସଜାଡ଼ି ଲେଖ ।

(କ) କୁମ୍ଭୀର, (ଖ) ମାଙ୍କଡ଼, (ଗ) ବାରମ୍ବାର, (ଘ) ଯୋଜନା, (ଙ) ଉପାୟ, (ଚ) ଚାଲାକ

୫. ସଂଶୋଧନ କର ।

(କ) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି ।

(ଖ) ପାଚିଲା ଆମ୍ବ ଖାଇବାକୁ ମିଠା ଲାଗେ ।

(ଗ) ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଆନ୍ତି ।

(ଘ) ଲେମ୍ବୁ ଖାଇବାକୁ ଖଟା ଲାଗେ ।

(ଙ) ରାବଣ ଲଙ୍କାର ରାଜା ଥିଲେ ।

(ଚ) ବଢ଼େଇ କାଠ କାମ କରେ ।

(ଛ) ଟଗର ଫୁଲର ରଙ୍ଗ ଧଳା ।

(ଜ) ବଣିଆ ସୁନାଗହଣା ତିଆରି କରେ ।

(ଝ) ଆକାଶର ରଙ୍ଗ ନୀଳ ।

୬. ବାକ୍ୟଗଠନ କର ।

ଜୁଡୁବୁଡୁ - ପିଲାଟି ବର୍ଷାରେ ଜୁଡୁବୁଡୁ ଓଦା ହୋଇଛି ।

ଚୁପ୍‌ଚୁପ୍ - ପୋଲିସର କଥାକୁ ଚୋରଟି ଚୁପ୍‌ଚୁପ୍ ଶୁଣୁଥିଲା ।

ଯୋଜନା - ବର୍ଷାହେବାରୁ ଆମ ଯୋଜନା ସବୁ ଭଣ୍ଡୁର ହୋଇଗଲା ।

ଚୁପ୍‌ଚାପ୍ - ବାପା ଗାଳି କରିବାରୁ ଆମେ ଚୁପ୍‌ଚାପ୍ ପାଠ ପଢ଼ିବସିଲୁ ।

ଛୁମାରିବା - ରାମର ଅଭ୍ୟାସ ହେଲା ମିଛ କହି ଛୁ ମାରିବା ।

୭. ବିପରୀତ ଶବ୍ଦ ।

ପାଖ - ଦୂର, ଇଛା - ଅନିଛା, ସ୍ଥିର - ଅସ୍ଥିର, ଭଲ - ମନ୍ଦ

୮. ଉତ୍ତର ଲେଖ -

(କ) ପ୍ର. ମାଙ୍କଡ଼ମାନେ ଜହ୍ନ କେଉଁଠି ଦେଖିଲେ ?

ଉ. ମାଙ୍କଡ଼ମାନେ ଜହ୍ନ ପୋଖରୀରେ ଦେଖିଲେ ।

(ଖ) ପ୍ର. ସେମାନେ ଜହ୍ନକୁ ଧରିବାର କି ଉପାୟ ପାଞ୍ଚିଲେ ?

ଉ. ଜଣେ ଜଣଙ୍କର ହାତ ଧରାଧରି ହୋଇ ପୋଖରୀରୁ ଜହ୍ନକୁ ଧରିବାର ଉପାୟ ପାଞ୍ଚିଲେ ।

(ଗ) ପ୍ର. ଜହ୍ନ ପାଣି ଭିତରୁ କିପରି ଛୁ ମାରିଲା ?

ଉ. ଜଣେ ମାଙ୍କଡ଼ ଜହ୍ନକୁ ଆଗ ଧରିବା ପାଇ ପୋଖରୀ ଭିତରକୁ କୁଦା ମାରିବାରୁ ଜହ୍ନ ପାଣି ଭିତରୁ ଛୁ ମାରିଲା ।

(ଘ) ପ୍ର. ସେମାନେ ଗଛରୁ କାହିଁକି ଲଟକିଲେ ?

ଉ. ପୋଖରୀ ଭିତରୁ ଜହ୍ନକୁ ଧରିବା ପାଇଁ ସେମାନେ ଗଛରୁ ଲଟକିଲେ ।

(ଙ) ପ୍ର. ମାଙ୍କଡ଼ମାନେ କୁମ୍ଭୀର ଠାରୁ କିପରି ରକ୍ଷା ପାଇଲେ ?

ଉ. ସେମାନେ ପକ୍‌ପାକ୍ ପୋଖରୀରୁ ଗଛ ଉପରକୁ ଉଠିଯାଇ କୁମ୍ଭୀର ଠାରୁ ରକ୍ଷା ପାଇଲେ ।

(ଚ) ପ୍ର. ପାଣିରେ ପହଁରୁଥିବା ମାଙ୍କଡ଼ କଣ କହିଲା ?

ଉ. ପାଣିରେ ପହଁରୁଥିବା ମାଙ୍କଡ଼ କହିଲା "ଆରେ କୁଆଡ଼େ ଗଲା ଜହ୍ନ" ।

(ଛ) ପ୍ର. ଜହ୍ନକୁ ପୁଣି ଥରେ ଧରିବା ପାଇଁ ମାଙ୍କଡ଼ମାନଙ୍କର କାହିଁକି ଇଛା ହେଲା ?

ଉ. ଜହ୍ନକୁ ବାରମ୍ବାର ଅତି ପାଖରେ ଦେଖି ପୁଣି ଇଛାହେଲା ତାକୁ ଧରିବା ପାଇଁ ।

(ଜ) ପ୍ର. ମାଙ୍କଡ଼ମାନେ ଯୋଜନା କଲାବେଳେ ଚୁପ୍‌ଚାପ୍ କଥା ହେଲେ କାହିଁକି ?

ଉ. ମାଙ୍କଡ଼ମାନଙ୍କର କଥା ଜହ୍ନ ଶୁଣିନେବ ବୋଲି ସେମାନେ ଚୁପ୍‌ଚାପ୍ କଥା ହେଲେ ।

(ଝ) ପ୍ର. ଡାଳଟି ଭାଙ୍ଗିଯିବାରୁ କଣ ହେଲା ?
ଉ. ଡାଳଟି ଭାଙ୍ଗିଯିବାରୁ ମାଙ୍କଡ଼ମାନେ ଧୁମ୍ କରି ପାଣିରେ ପଡ଼ିଲେ ।
(ଞ) ପ୍ର. କୁମ୍ଭୀର ଧାଇଁଆସିଲା କାହିଁକି ?
ଉ. ମାଙ୍କଡ଼ମାନଙ୍କୁ ଖାଇବା ଲୋଭରେ କୁମ୍ଭୀର ଧାଇଁଆସିଲା ।

୯. ଜୁଡୁବୁଡୁ, ସୁଡୁସୁଡୁ, ଧୁଡୁଧୁଡୁ, ବୁଡୁବୁଡୁ, ସୁଡୁବୁଡୁ

୧୦. (କ) କିଏ ପାଣିରେ ରହି କରମ କରୁଥିଲା ?
(ଖ) କେଉଁମାନେ ପୋଖରୀରେ ଜହ୍ନ ଦେଖିଲେ ?
(ଗ) କିଏ ଗଛକୁ ଚଢ଼ି ଅନ୍ୟମାନଙ୍କ ସହ ଡାଳରେ ବସିଲା ?
(ଘ) ସମସ୍ତେ ପାଣିରେ କିପରି ପଡ଼ିଲେ ?
(ଙ) କିଏ ପାଟିରୁ ଲାଳ ବୁହାଇ ଖାଲି ଚାହିଁରହିଲା ?

୧୧. ନୂଆ ଯୋଜନା, ଦଳେ ମାଙ୍କଡ଼, ବିଚରା କୁମ୍ଭୀର, ଜହ୍ନ ଧରିବା

.....୦.....

## ନୁହଁ ଗଡ଼ବଡ଼

୧. ରଡ଼ମଡ଼, ସଡ଼ସଡ଼, ଧଡ଼ଧଡ଼

୨. ଅସତ - ସତ, ଅନ୍ୟାୟ - ନ୍ୟାୟ, ଜନମ - ମରଣ, ଉପକାର - ଅପକାର,
କୁବୁଦ୍ଧି - ସୁବୁଦ୍ଧି, ଦୁଃଖି - ସୁଖୀ, ଶୁଖିଲା - ଓଦା, ବେଶୀ - କମ୍,
ଧିର - ଅଧିର, ଗୁରୁଜନ - ଲଘୁଜନ

୩. ବାକ୍ୟଗଠନ କର -
ଅଳସ - ରାମ ଅଳସ ଛାଡ଼ି କାମ କରିବରକୁ ବାହାରିଲା ।
ହଡ଼ବଡ଼ - ହଡ଼ବଡ଼ ହୋଇ କାମ କରିବା ଉଚିତ ନୁହେଁ ।
ଫଡ଼ଫଡ଼ - ଗଛଡାଳରୁ ଚଢ଼େଇଟି ଡେଣା ଫଡ଼ଫଡ଼ କରି ଉଡ଼ିଗଲା ।
ବଡ଼ବଡ଼ - ପିଲାଟି ତାର ମା କୁ ବଡ଼ବଡ଼ କଥା କହୁଛି ।
ସଜାଡ଼ି - ମୁଁ ବହିପତ୍ର ସଜାଡ଼ି ରଖେ ।
ଜାବୁଡ଼ି - ଡର ଲାଗିବାରୁ ପିଲାଟି ତା ମାକୁ ଜାବୁଡ଼ି ଧରିଲା ।
ଚକ୍‌ଚକ୍ - ମାଙ୍କ ବେକରେ ସୁନା ହାରଟି ଚକ୍‌ଚକ୍ ମାରୁଛି ।
ନିୟମ - ରାସ୍ତାରେ ଟ୍ରାଫିକ୍ ନିୟମ ମାନି ଚାଲିବା ଉଚିତ ।
ଖତ - ଗଛମୂଳେ ଖତ ଦେବାରୁ ଭଲ ଫସଲ ମିଳିଲା ।
ଆହାର - ମୁଁ ଦିନକୁ ଚାରିଥର ଆହାର ଖାଇଥାଏ ।

୪. ଶୂନ୍ୟସ୍ଥାନ ପୂରଣ କର ।

(କ) ଧଡ଼ପଡ଼ ହୋଇ ସକାଳୁ ଉଠିବ ।

(ଖ) ନିରୀହ ଜୀବରେ ଦୟା ଦେଖାଇବ ।

(ଗ) ଚକମକ ମାରେ ଆକାଶେ ବିଜୁଳି ।

(ଘ) ପର ନିନ୍ଦା ତେଜି କର ପର ଉପକାର ।

(ଙ) ରଡ଼ମଡ଼ ଖାଅ କାକୁଡ଼ି ପିଜୁଳି, କଡ଼କଡ଼ ଚଣାବଡ଼ି ।

୫. ଉତ୍ତର ଲେଖ-

(କ) କବିତାରେ ଧଡ଼ପଡ଼ ହୋଇ ଅଳସ ଛାଡ଼ି ଉଠିବ ବୋଲି କୁହାଯାଇଛି ।

(ଖ) ଉ. ଧୀର ବୁଦ୍ଧି ପାଇଁ ମନରେ ହଡ଼ବଡ଼ ଭାବକୁ ନ ଆଣିବା ଉଚିତ ।

(ଗ) ଫଡ଼ଫଡ଼ ଚାଲି ଓ ବଡ଼ବଡ଼ କଥା ଏସବୁ ମନ୍ଦ ଗୁଣ ବୋଲି କୁହାଯାଇଛି ।

(ଘ) ଉ. ଗୁରୁଜନଙ୍କ ଆଗରେ ଭଡ଼ଭଡ଼ ହୋଇ କଥା ନ କହି ନମ୍ରଭାବରେ କଥା ହେବା ଦରକାର ।

(ଙ) ଉ. ରଡ଼ମଡ଼ ଓ କଡ଼କଡ଼ କରି ଆମେ କାକୁଡ଼ି, ପିଜୁଳି ଖାଇଥାଉ ।

(ଚ) ଉ. ପିମ୍ପୁଡ଼ିମାନେ ଧାଡ଼ିବାନ୍ଧି ଶୃଙ୍ଖଳିତ ଭାବରେ କାର୍ଯ୍ୟ କରିଥାନ୍ତି, ସେଥିପାଇଁ କବିତାରେ ପିମ୍ପୁଡ଼ି ବିଷୟରେ ଉଲ୍ଲେଖ କରାଯାଇଛି ।

(ଛ) ଉ. ପିତାମାତା, ଗୁରୁଜନ ଓ ରୋଗୀମାନଙ୍କ ସେବା କରିବା ନିୟମକୁ ଆମେ ଛାଡ଼ିବା ନାହିଁ ।

(ଜ) ଉ. ଗର୍ବକଲେ ଆମେ ଖଳଲୋକ ପରି ସବୁବେଳେ କେଞ୍ଚା ଖାଇବା ।

(ଝ) ଉ. ପରନିନ୍ଦା ନ କରି କର୍ତ୍ତବ୍ୟକୁ ମନେପକାଇ ପରର ଉପକାର କରିବା ଉଚିତ ।

(ଞ) ଉ. ସତ୍ୟର ପଥରେ ଚାଲିବା ପାଇଁ ଉପଦେଶ ଦିଆଯାଇଛି ।

(ଟ) ଉ. ଅସତ୍, ଅନ୍ୟାୟ ଓ ଅତ୍ୟାଚାରକୁ ନ ସହିବା ପାଇଁ କୁହାଯାଇଛି ।

(ଠ) ଉ. ନିରୀହ ଜୀବରେ ଯଦି ଦୟା ଦେଖାଇବା ତେବେ ମଣିଷ ଜନ୍ମ ଶ୍ରେଷ୍ଠ ହୋଇଥାଏ ।

୬. ଭଡ଼ଭଡ଼ - କଥା, ସଡ଼ସଡ଼ - ଲାଜ, ବଡ଼ବଡ଼ - ଚୁଗୁଲି
ଜଡ଼ସଡ଼ - ଓଦା, ହଡ଼ବଡ଼ - ଭାବ

୭. ଶବଦ - ଶବ୍ଦ, କରମ - କର୍ମ, ପତର - ପତ୍ର, ଜନମ - ଜନ୍ମ, ଗରବ - ଗର୍ବ, ବରଷା - ବର୍ଷା

୮. (କ) ଏକ ପରିବାର ନାମ - କାକୁଡ଼ି

(ଖ) ଏକ ପ୍ରାଣୀର ନାମ - ମନୁଷ୍ୟ

(ଗ) ଏକ ଖାଦ୍ୟର ନାମ - ବରା

(ଘ) ଏକ ମନ୍ଦଗୁଣର ନାମ - ପରନିନ୍ଦା

(ଙ) ଏକ ଫଳର ନାମ - ପିଜୁଳି

୯. ସମାନ ଅର୍ଥ -

ମନୁଷ୍ୟ-ମଣିଷ, ଜନନୀ-ମାତା, ପ୍ରଭାତ-ସକାଳ, ଶିକ୍ଷକ-ଗୁରୁ, ପୋଷାକ-ଲୁଗାପଟା, ପରିଷ୍କାର-ସଫା ।

# ନେତାଜୀ ସୁଭାଷ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ସୁଭାଷ ବୋଷ ୧୮୯୭ ମସିହାରେ ଜନ୍ମଗ୍ରହଣ କରିଥିଲେ ।

(ଖ) ଆଜାଦ୍ ହିନ୍ଦ୍ ଫୌଜ ନାମରେ ଏକ ସୈନ୍ୟଦଳ ଗଢ଼ି ସେ ଇଂରେଜମାନଙ୍କ ସହିତ ଲଢ଼େଇ କରିଥିଲେ ।

(ଗ) ସୁଭାଷ ବୋଷ ଷ୍ଟୁଆର୍ଟ ସ୍କୁଲରେ ପାଠ ଆରମ୍ଭ କରିଥିଲେ ।

(ଘ) ଲୋକେ ତାଙ୍କୁ ସ୍ନେହରେ ନେତାଜୀ ବୋଲି ଡାକୁଥିଲେ ।

(ଙ) ୧୯୪୫ ମସିହାରେ ଏକ ବିମାନ ଦୁର୍ଘଟଣାରେ ନେତାଜୀଙ୍କର ଅକାଳ ମୃତ୍ୟୁ ହେଲା ।

୨. ବିପରୀତ ଅର୍ଥ -

ମୃତ୍ୟୁ - ଜନ୍ମ, ସମୟ - ଅସମୟ, ବୁଦ୍ଧିମାନ - ନିର୍ବୁଦ୍ଧିଆ, ଭଲ - ମନ୍ଦ

୩. ସଜାଡ଼ି ଲେଖ -

(କ) ଓଡ଼ିଶାର ପ୍ରସିଦ୍ଧ ସହର କଟକ ।

(ଖ) ତାର ନାମ ରଖାଗଲା ସୁଭାଷ ଚନ୍ଦ୍ର ।

(ଗ) ସୁଭାଷ ଅତି ସାହସୀ ଓ ପରୋପକାରୀ ଥିଲେ ।

(ଘ) ତେଣୁ ତାଙ୍କୁ ସ୍ନେହରେ ନେତାଜୀ ବୋଲି କହୁଥିଲେ ।

(ଙ) ପ୍ରଥମେ କଟକର ପ୍ରୋଟେଷ୍ଟାଣ୍ଟ ୟୁରୋପୀୟ ସ୍କୁଲରେ ନାମ ଲେଖାଇ ପାଠପଢ଼ା ଆରମ୍ଭ କଲେ ।

(ଚ) ଆମ ଦେଶରେ ସେତେବେଳେ ଇଂରେଜମାନେ ଶାସନ କରୁଥିଲେ ।

(ଛ) ସୁଭାଷ ଅତି ବିଚକ୍ଷଣ, ବୁଦ୍ଧିମାନ ଓ ସାହସୀ ବାଳକ ଥିଲେ ।

(ଜ) ସେଠାରେ ମାଟ୍ରିକ ପଢ଼ା ସାରି ସେ ପରେ କଲିକତାରେ କଲେଜ ପଢ଼ିଲେ ।

(ଝ) ସେ ଫରୱାର୍ଡ ବ୍ଲକ୍ ନାମରେ ଏକ ସୈନ୍ୟଦଳ ଗଢ଼ି ଇଂରେଜମାନଙ୍କ ସହିତ ଲଢ଼େଇ କରିଥିଲେ ।

(ଞ) ତାଙ୍କର ମହତ ଗୁଣ ଓ ଦେଶ ସେବା ଲାଗି ସେ ଚିରଦିନ ଆମ ମନରେ ଅମର ହୋଇ ରହିବେ ।

୪. ବାକ୍ୟଗଠନ କର -

ବୁଦ୍ଧିମାନ - ରାମ ବୁଦ୍ଧିମାନ ବାଳକ ଥିବାରୁ ବିପଦରୁ ରକ୍ଷା ପାଇଲା ।

ସାହେବ - ସାହେବମାନଙ୍କ ପାଖରେ ବହୁତ ପଇସା ଥାଏ ।

ଖ୍ୟାତି - ତାରକସି କାମ ପାଇଁ କଟକର ବହୁତ ଖ୍ୟାତି ରହିଛି ।

ସ୍ୱାଧୀନ - ଆମେ ସ୍ୱାଧୀନ ଭାରତର ପିଲା ଅଟୁ ।

ଅମର - ଗାନ୍ଧିଜୀଙ୍କ କାର୍ଯ୍ୟ ଆମ ମନରେ ଅମର ହୋଇ ରହିଛି ।

୫. ଶବ୍ଦ - ଅର୍ଥ -
ପ୍ରସିଦ୍ଧ - ବିଖ୍ୟାତ ପରୋପକାରୀ - ହିତକାରୀ, ବାଜି ଲଗାଇ - ସର୍ତ୍ତ ରଖି
ନେତୃତ୍ୱ - ପରିଚାଳନ, ସ୍ୱଷ୍ଟ- ଖୋଲାଖୋଲି, ଚିରଦିନ - ଆଜୀବନ

୬. ଉତ୍ତର ଲେଖ -
(କ) ୧୮୯୭ ମସିହା ଜାନୁୟାରୀ ମାସ ୨୩ ତାରିଖରେ କଟକର ଓଡ଼ିଆ ବଜାର ନାମକ ସ୍ଥାନରେ ସୁଭାଷ ଜନ୍ମ ହୋଇଥିଲେ ।
(ଖ) ଉ. କଟକର ପ୍ରୋଟେଷ୍ଟାଣ୍ଟ୍ ୟୁରୋପୀୟ (ଷ୍ଟୁଆର୍ଟ) ସ୍କୁଲରେ ସୁଭାଷ ପାଠପଢ଼ା ଆରମ୍ଭ କରିଥିଲେ ।
(ଗ) ଉ. ସୁଭାଷ ଅତି ବିଚକ୍ଷଣ, ବୁଦ୍ଧିମାନ ଓ ସାହସୀ ବାଳକ ଥିଲେ । ସେ ରୋଗୀ ଓ ଦୁଃଖୀମାନଙ୍କ ସେବା କରୁଥିଲେ । ସାଙ୍ଗମାନଙ୍କୁ ନେଇ ଘର ଘର ବୁଲି ବସନ୍ତ ଓ ହଇଜା ଭଳି ବିଷମ ରୋଗୀମାନଙ୍କର ବଧ୍ୟ ସେବା କରୁଥିଲେ । ସେ ଖେଳିବାକୁ ଭଲ ପାଉଥିଲେ ।
(ଘ) ଉ. ଦେଶର ସ୍ୱାଧୀନତା ପାଇଁ ନେତାଜୀଙ୍କୁ କେତେଥର ଜେଲ୍ ଯିବାକୁ ହୋଇଛି, ଫରୱାଡ୍ ବ୍ଲକ୍ ନାମରେ ଏକ ସୈନ୍ୟଦଳ ଗଢ଼ି ସେ ଇଂରେଜମାନଙ୍କ ସହିତ ଲଢ଼େଇ କରିଥିଲେ, ସ୍ୱାଧୀନତା ଲଢ଼େଇରେ ମଧ୍ୟ ସେ ନେତୃତ୍ୱ ନେଇଥିଲେ ।
(ଙ) ଉ. ୧୯୪୫ ମସିହା ଅଗଷ୍ଟ ମାସ ୧୮ ତାରିଖରେ ଗୋଟିଏ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହାଯାଏ ।
(ଚ) ଉ. ନେତାଜୀଙ୍କ ମହତ ଗୁଣ ଓ ଦେଶ ସେବା ପାଇଁ କଟକର ଲୋକେ ତାଙ୍କୁ ଭୁଲିପାରିବେ ନାହିଁ ।

୭. (କ) ସୁଭାଷଙ୍କ ପୁରା ନାମ ହେଉଛି ସୁଭାଷ ଚନ୍ଦ୍ର ବୋଷ ।
(ଖ) ସୁଭାଷଙ୍କ ବାପାଙ୍କ ନାମ ଥିଲା ଜାନକୀ ନାଥ ବୋଷ ଓ ସେ ଓକିଲ ଥିଲେ ।
(ଗ) ଆଜାଦ ହିନ୍ଦ୍ ଫୌଜ ଗୋଟିଏ ସୈନ୍ୟଦଳ, ଏହା ସୁଭାଷ ଚନ୍ଦ୍ର ବୋଷ ଇଂରେଜମାନଙ୍କ ସହିତ୍ ଲଢ଼େଇ କରିବା ପାଇଁ ଗଢ଼ିଥିଲେ ।
(ଘ) ସ୍କୁଲରେ ପଢ଼ିବା ବେଳେ ସେ ସାଙ୍ଗମାନଙ୍କୁ ଦଳଦଳ କରି ଘର ଘର ବୁଲି ବସନ୍ତ ଓ ହଇଜାଭଳି ରୋଗୀମାନଙ୍କର ସେବା କରୁଥିଲେ ।

୮. ଓକିଲ - ଜାନକୀନାଥ, ନେତାଜୀ - ସୁଭାଷ ବୋଷ, କଲିକତା - କଲେଜ ପାଠ,
କଟକ - ସହର, ଆଜାଦ୍ ହିନ୍ଦ ଫୌଜ - ସୈନ୍ୟଦଳ, ଚୋର ପୋଲିସ - ଖେଳ

# କଣ କରିବା

୧. ବାକ୍ୟଗଠନ -

ଖଟିବା - ଗରିବ ଲୋକଟି ତାର ପରିବାର ପୋଷିବା ପାଇଁ ଅନ୍ୟ ଘରେ ଖଟେ ।

ଖେଳ - ଆମେ କାମବେଳେ କାମ କରିବା ଓ ଖେଳ ବେଳେ ଖେଳିବା ।

ବାଜି - ପିଲାଟି ବାଜି ଲଗାଇ ଜିତିଗଲା ।

ସେବା - ମା ଅନ୍ୟର ସେବା କରିବାକୁ ଭଲ ପାଆନ୍ତି ।

ଉପକାର - କାହାର ଉପକାର ବଦଳରେ ଅପକାର କରନାହିଁ ।

ସ୍ୱଚ୍ଛ - ପରିବେଶକୁ ସବୁବେଳେ ସ୍ୱଚ୍ଛ ରଖିବା ଉଚିତ ।

ଆଦେଶ - ଗୁରୁଜନମାନଙ୍କ ଆଦେଶ ମାନିବା ।

୨. ବିପରୀତ ଅର୍ଥ -

ଚଢ଼ିବା - ଓହ୍ଲାଇବା, ଉଚ୍ଚ - ନୀଚ, ବସିବା - ଉଠିବା, ଦୁଃଖୀ - ସୁଖୀ,

ଉପକାର - ଅପକାର, ମିଛ - ସତ, ଗୁରୁଜନ - ଲଘୁଜନ, ଭଲ - ମନ୍ଦ

୩. (କ) ବିପଦବେଳେ ନ ଡରି ସାହସର ସହିତ ସମସ୍ତ କାମ କରିବା ଉଚିତ ।

(ଖ) ଆମେ ଖେଳିବା, ଖଟିବା ଓ ପଢ଼ିଁରି ଶିଖିବା ଉଚିତ ।

(ଗ) ନିଜର ମନ ପ୍ରାଣ ଦେଇରୋଗୀର ସେବା କରିବା ଉଚିତ ।

(ଘ) ମନଲଗାଇ ଦେହରୁ ଝାଳ ବୁହାଇ ଆମେ ଖଟିବା ଉଚିତ ।

(ଙ) ଆମେ ମିଛ କହିବା ନାହିଁ କି ଅନ୍ୟମାନଙ୍କ ସାଥିରେ କଳି କରିବାନାହିଁ ବୋଲି ବର୍ଣ୍ଣନା କରାଯାଇଛି ।

(ଚ) ଗୁରୁଜନମାନଙ୍କ ଆଦେଶ ମାନି ଆମେ ସ୍ୱଚ୍ଛ ହୋଇ ଚଳିବା ।

(ଛ) ଭଲ ପିଲାମାନଙ୍କ ସାଥିରେ ମିଶି ଆମେ ଖେଳିବା ପାଇଁ ଲେଖାଯାଇଛି ।

(ଜ) ପାଠପଢ଼ାରେ କଦାପି ହେଳା କରିବା ଉଚିତ ନୁହେଁ ।

୫. ବିପଦ - ଆପଦ, ସମ୍ପଦ, ପଦ

ଖଟିବା - ରଟିବା, ବାଟିବା, ଛାଟିବା

କଳି - ବଳି, ଛେଳି, ଚଳି

ବାଜି - ରାଜି, ଭାଜି, ସାଜି

୬. ସମାନ ଅର୍ଥ -

କ୍ଷେତ- ଜମି, ବିଲ, ଗଛ- ବୃକ୍ଷ, ଦ୍ରୁମ, ସାଥୀ- ସାଙ୍ଗ, ବନ୍ଧୁ, ସ୍ୱଚ୍ଛ- ନିର୍ମଳ, ପରିସ୍କାର, ସଫା

୭. ଗୁରୁଜନଙ୍କ ଆଦେଶ, ଖେଳିବା ଖେଳ, ଦୁଃଖୀର ଉପକାର, ଖଟିବା କ୍ଷେତେ, ଚଢ଼ିବା ଗଛେ

୮. ଖାଲି ସ୍ଥାନ ପୂରଣ କର -

(କ) ଆମେ ସବୁ କରିବା କାମ ରହିବା ନାହିଁ ବସି ।

(ଖ) ଖଟିବା କ୍ଷେତେ ଖେଳିବା ଖେଳ ପହଁରା ନେବା ଶିଖି ।

(ଗ) ରୋଗୀଲୋକଙ୍କ କରିବା ସେବା ଦୁଃଖୀର ଉପକାର ।

(ଘ) କରିବାନାହିଁ କା ସାଥେ କଳି କହିବା ନାହିଁ ମିଛ ।

(ଙ) ଭଲ ପିଲାଙ୍କ ସାଥିରେ ମିଶି କରିବା ଆମେ ଖେଳ ।

୯. ଅକ୍ଷରଗୁଡ଼ିକ ସଜାଡ଼ିବା -

ଗୁରୁଜନ, ବିପଦ, ଉପକାର, ଅବାଟ, ପହଁରା

....o....

## ପରିଶ୍ରମି ପିମ୍ପୁଡ଼ି

୧. ପ୍ରତିଶବ୍ଦ -

ଗଛ - ବୃକ୍ଷ, ଦ୍ରୁମ, ଫୁଲ - ପୁଷ୍ପ, କୁସୁମ, ମାଆ - ମାତା, ଜନନୀ,

ମଣିଷ - ମାନବ, ନର, ଘର - ବାସ, ନିଳୟ

୨. ବାକ୍ୟଗଠନ କର-

ତୋଳିଲା - ସୀତା ଆମ୍ବଗଛରୁ ଆମ୍ବ ତୋଳିଲା ।

ଆଶ୍ଚର୍ଯ୍ୟ - ପିଲାଟିର କାମ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।

ଧାଡ଼ିବାନ୍ଧି - ଆମେ ଧାଡ଼ିବାନ୍ଧି ପ୍ରାର୍ଥନା କଲୁ ।

ଅଳସୁଆ - ଅଳସୁଆ ଲୋକ ଦୁଃଖ ପାଏ ।

କୀଟ - ପିମ୍ପୁଡ଼ି ଏକ ଛୋଟ କୀଟ ଅଟେ ।

ପରିଶ୍ରମ - ପରିଶ୍ରମର ଫଳ ମିଠା ଅଟେ ।

୩. ଉତ୍ତର ଲେଖ -

(କ) ଉ. ଫୁଲଗଛ ମୂଳରେ ପିମ୍ପୁଡ଼ିମନ୍ଦାକୁ ଦେଖି ମିଲୁ ସାବଧାନରେ ଫୁଲ ତୋଳିଲା ।

(ଖ) ଉ. ପିମ୍ପୁଡ଼ି କେତେ ଛୋଟ ଜୀବ, କିନ୍ତୁ ସେଇ କେତେଟା ପିମ୍ପୁଡ଼ି ସେମାନଙ୍କଠାରୁ କେତେ ଯଥେଷ୍ଟ ବଡ଼ ମଲା ବେଙ୍ଗକୁ ଟାଣିଟାଣି ନେବା ଦୃଶ୍ୟଟି ଦେଖି ମିଲୁ ଆଶ୍ଚର୍ଯ୍ୟ ହୋଇଥିଲା ।

(ଗ) *ମିଲୁ ତୁ ଘରକୁ ଚାଲ*, ଏ କଥା ମିଲୁର ମା ମିଲୁକୁ କହିଥିଲେ, କାରଣ ମିଲୁର ମା ପିମ୍ପୁଡ଼ିମାନଙ୍କ ବିଷୟରେ ତାକୁ ସବୁ ବୁଝେଇଦେବା ପାଇଁ ଏ କଥା କହିଥିଲେ ।

(ଘ) ପିମ୍ପୁଡ଼ି ଛୋଟ ହେଲେବି କେତେଗୁଡ଼ିଏ ପିମ୍ପୁଡ଼ି ଏକାଠି ହୋଇ ସେମାନଙ୍କର ସମସ୍ତ ପିମ୍ପୁଡ଼ିର ଓଜନଠାରୁ ଅଧିକ ଓଜନର ବେଙ୍ଗକୁ ପିମ୍ପୁଡ଼ିମାନେ ଟାଣିନେବାର ଏହି ଦୃଶ୍ୟଟିରୁ ଜାଣୁ ଯେ *ଏକତା ହିଁ ବଳ* ।

(ଙ) ପିମ୍ପୁଡ଼ିମାନଙ୍କର ପରିଶ୍ରମ, ଏକତା ଏବଂ ଶୃଙ୍ଖଳା କଥା ଭାବିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ ।

(ଚ) ପିମ୍ପୁଡ଼ିମାନେ ଛୋଟ କୀଟଠାରୁ ବଡ଼ଜନ୍ତୁ ପର୍ଯ୍ୟନ୍ତ ସେଗୁଡ଼ିକର ମୃତଦେହକୁ ଖାଇ ସଫା କରନ୍ତି, ଏହି ପ୍ରକାର ପିମ୍ପୁଡ଼ିମାନେ ପରୋକ୍ଷରେ ଉପକାର କରୁଥିବା ସହ ଆମକୁ ଏକାଠି ହୋଇ ଚଳିବାକୁ ଦେଖାଇଥାନ୍ତି ।

(ଛ) ଏହି ଗଳ୍ପରୁ ଆମେ ଏହି ଶିକ୍ଷା ପାଇଲୁ ଯେ କେବେ ଅଳସୁଆ ନ ହୋଇପରିଶ୍ରମ କରି ଚଳିବା ।

୪. ସଜାଡ଼ି ଲେଖ -

ପିମ୍ପୁଡ଼ି, ଶୃଙ୍ଖଳା, ପରିଶ୍ରମ, ଧାଡ଼ିବାନ୍ଧି, ଆଶ୍ଚର୍ଯ୍ୟ, ମଣିଷ

୫. ବିପରୀତ ଅର୍ଥ -

ମୂଳ - ଅଗ, ସାବଧାନ - ଅସାବଧାନ, ସମର୍ଥ - ଅସମର୍ଥ, ସମ୍ପଦ - ବିପଦ, ଅପକାର - ଉପକାର, ପରୋକ୍ଷ - ପ୍ରତ୍ୟକ୍ଷ, ଶୃଙ୍ଖଳା - ବିଶୃଙ୍ଖଳା, ଜ୍ଞାନ - ଅଜ୍ଞାନ,

୬. କୀଟ - ପିମ୍ପୁଡ଼ି, ମୃତ - ଦେହ, ମଣିଷ - ସମାଜ, ଟଗର - ଗଛ, ଫୁଲ - ଚାଙ୍ଗୁଡ଼ି

୭. (କ) ଗୋଟିଏ ଫୁଲର ନାମ - ଟଗର
(ଖ) ଗୋଟିଏ ଝିଅର ନାମ - ମିଲି
(ଗ) ଏକ ସରିସୃପର ନାମ - ବେଙ୍ଗ
(ଘ) ଏକ କୀଟର ନାମ - ପିମ୍ପୁଡ଼ି

......o......

ପୃଷ୍ଠା-୧୨